ସକାଳ THE SAKALA



# କୋଇଡ଼ା ମା’ ମଙ୍ଗଳା ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

**କୋଇଡ଼ା, ୧୪।୫(ସମିସ):** ସୁନ୍ଦରଗଡ଼ ଜିଲ୍ଲା କୋଇଡ଼ାର ମା’ ମଙ୍ଗଳାଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ ତିନିଦିନ ବ୍ୟାପୀ ଅନୁଷ୍ଠିତ ହୋଇଛି। ଏହି ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ସୁଦୂର ଯାଜପୁରରୁ ଆସିଥିବା ପଣ୍ଡିତ ପ୍ରକାଶ କୁମାର ପଣ୍ଡା, ପଣ୍ଡିତ ନନ୍ଦକିଶୋର ପାଣିଗ୍ରାହୀ, ପଣ୍ଡିତ ଭାସ୍କର ପାଣି, ପଣ୍ଡିତ ବିଶ୍ୱରଞ୍ଜନ ପଣ୍ଡାଙ୍କ ଦ୍ୱାରା ଯଜ୍ଞକାର୍ଯ୍ୟ ଓ ଯଥାବିଧି ପୂଜାର୍ଚ୍ଚନା କରାଯାଇଥିଲା। କର୍ତ୍ତା ଭାବେ ବିବେକାନନ୍ଦ ପାତ୍ର ଓ ତାଙ୍କ ସହଧର୍ମିଣୀ ଦାୟିତ୍ୱ ସମ୍ପାଦନ କରିଥିଲେ। ଅଙ୍କୁରାରୋପଣ ପରେ ବାବା ଲଙ୍ଗଳେଶ୍ୱର ଘାଟରୁ ପାଣି କଳସ ଶୋଭାଯାତ୍ରାରେ ଅଣାଯାଇ ମା’ଙ୍କ ପୀଠରେ ସ୍ଥାପନ କରାଯାଇଥିଲା। ପରେ ଆଚାର୍ଯ୍ୟ ବରଣ, ଷୋଡ଼ଶ ଉପଚାର ପୂଜା, ସୂର୍ଯ୍ୟପୂଜା ଆଦି ବିଧି କରାଯାଇ ଅଗ୍ନି ସ୍ଥାପନ ଓ ପଣ୍ଡିତଙ୍କ ଦ୍ୱାରା ମନ୍ତ୍ରୋଚ୍ଚାରଣ କରାଯାଇଥିଲା। ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା। ସେହିପରି ମଙ୍ଗଳବାର ଚଣ୍ଡୀପାଠ, ସୂର୍ଯ୍ୟପୂଜା, ଧେନୁପୂଜା, ଶ୍ରୀବିଷ୍ଣୁ ଷୋଡ଼ଶ ଗୀତାପାଠ ଓ ଆହୁତି ଏବଂ ସନ୍ଧ୍ୟାରେ ପୂର୍ଣ୍ଣାହୁତି ପ୍ରଦାନ କରାଯାଇଥିଲା। ତିନିଦିନ ଧରି ଆନନ୍ଦ ବଜାରରେ ଅନ୍ନ ପ୍ରସାଦ ବ୍ୟବସ୍ଥା କରାଯାଇଥିଲା। ହଜାର ହଜାର ଶ୍ରଦ୍ଧାଳୁ ଏଥିରେ ସାମିଲ ହୋଇ ମା’ଙ୍କ ଆଶୀର୍ବାଦ ଲାଭ କରିଥିଲେ। ମା’ ମଙ୍ଗଳା କମିଟି ସେବକ ସଂଘ ସଭାପତି ବୁଲୁ ପାତ୍ର, ସମ୍ପାଦକ ବିଜୟ କୁମାର ଦାସ, ବରିଷ୍ଠ ସଦସ୍ୟ ନାରାୟଣ ସାହୁ, ଲକ୍ଷ୍ମଣ ଜେନା, ମୋହନ ସାହୁ, ଅର୍ଜୁନ ଠାକୁର, ଅରୁଣ କୁମାର ରାଉତ, ପଦ୍ମଚରଣ ମହାରଣା, ଶ୍ରୀକାନ୍ତ ମହାରଣା, ଅରବିନ୍ଦ ବଳିଆରସିଂ, ବିବେକାନନ୍ଦ ପାତ୍ରଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥଇଲେ।



# ଚିପ୍‌ଟାଇପ ମାର୍କେଟରେ ବିଜେଡି ଅଫିସ ଉଦ୍‌ଘାଟିତ

**ରାଉରକେଲା, ୧୪।୫(ସମିସ)**

ରଘୁନାଥପାଲ୍ଲୀ ବିଜେଡି ବିଧାୟକ ପ୍ରାର୍ଥିନୀ ଅର୍ଚ୍ଚନାରେଖା ବେହେରା ସୋମବାର ସେକ୍ଟର-୭ ଚିପ୍‌ଟାଇପ ମାର୍କେଟରେ ବିଜେଡି ଅଫିସ ଉଦ୍‌ଘାଟନ କରିଛନ୍ତି। ଏହି ନିର୍ବାଚନମଣ୍ଡଳୀରେ ଭୋଟ ଗ୍ରହଣ ଆଉ ମାତ୍ର ୫ ଦିନ ଥିବା ବେଳେ ଭୋଟରଙ୍କ ସୁବିଧା ଓ ଅନ୍ୟ ନିର୍ବାଚନ କାର୍ଯ୍ୟ ପାଇଁ ଉକ୍ତ ଅଫିସ କାର୍ଯ୍ୟ କରିବ ବୋଲି ଦାୟିତ୍ୱରେ ଥିବା କର୍ମକର୍ତ୍ତା କହିଛନ୍ତି। ପ୍ରତିକୂଳ ପାଗ ସତ୍ତ୍ୱେ ଶତାଧିକ କର୍ମୀଙ୍କ ଗହଣରେ ପ୍ରାର୍ଥିନୀ ବେହେରା ଅଫିସ ଉଦ୍‌ଘାଟନ କରିବା ସହ ମାର୍କେଟର ପ୍ରତ୍ୟେକ ଦୋକାନୀ ଭାଇମାନଙ୍କୁ ଭେଟି ତାଙ୍କୁ ଆଗାମୀ ୨୦ ତାରିଖ ନିଜ ଭୋଟଦେଇ ଆଶୀର୍ବାଦ କରିବାକୁ ଅନୁରୋଧ କରିଥିଲେ। ମାର୍କେଟ କମିଟି କାର୍ଯ୍ୟକାରୀ ସଭାପତି ନିଲୁ ବାରିକଙ୍କ ନେତୃତ୍ୱରେ ମାର୍କେଟ କମିଟି ସଭାପତି ଚକ୍ରଧର ଜେନା, ସମ୍ପାଦକ ପ୍ରଶାନ୍ତ କୁମାର ସାମଲ, ଡା. ସରୋଜ ରାଉତ, ପ୍ରବୀଣ କୁମାର ପ୍ରଧାନ, ଧରଣୀଧର ସାମଲ, ଈଶ୍ୱର ଭଞ୍ଜ, ଉତ୍ତମ ବାରିକ, ପ୍ରଶାନ୍ତ ଦତ୍ତ, ସଞ୍ଜୟ ଶର୍ମା, ଗୋପିନାଥ ପ୍ରଧାନ, ଗୌତମ ବାରିକ, ସୋମନାଥ ଭଞ୍ଜ, ସୀମାଞ୍ଚଳ ଖଣ୍ଡୁଆଳ, କସ୍ତୁରି ଚରଣ ସାହୁ, ବିଭୂତି ପରିଡ଼ା, ରାକେଶ ନାୟକ, ପ୍ରକାଶ ପାତ୍ର ପ୍ରମୁଖ ପ୍ରାର୍ଥିନୀ ବେହେରାଙ୍କୁ ମାର୍କେଟ ପରିକ୍ରମା କରାଇଥିଲେ। ଏହି ଅବସରରେ ବେହେରା ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରିଥିଲେ।

ଏହି ପରିପ୍ରେକ୍ଷୀରେ ବିଜେଡିର ସଂଯୋଜକ ସତ୍ୟାନନ୍ଦ ବେହେରାଙ୍କ ଅଧ୍ୟକ୍ଷତାରେ ଏକ ନିର୍ବାଚନୀ ସଭା ସ୍ଥାନୀୟ ଖେଳପଡ଼ିଆରେ ହୋଇଥିଲା। ଆଗାମୀ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହାତମୁଠା ଟାଣ କରି ଷଷ୍ଠ ଥର ତାଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ଦେଖିବା ପାଇଁ ରଘୁନାଥପାଲ୍ଲୀ ପ୍ରାର୍ଥିନୀ ବେହେରା ଓ ଲୋକସଭା ପ୍ରାର୍ଥୀ ପଦ୍ମଶ୍ରୀ ଦିଲୀପ ତିର୍କୀଙ୍କୁ ଶଙ୍ଖ ଚିହ୍ନରେ ଭୋଟ ଦେଇ ବିଜୟୀ କରିବାକୁ ନିବେଦନ କରିଥିଲେ। ବରିଷ୍ଠ ବିଜେଡି ନେତା ପ୍ରମୋଦ କୁମାର ବୋଇତି, ଜିତୁ ଦାସ, ସୁନା କର, ଟୁନିଆ ପ୍ରଧାନ, ମମତା ଜେନା, କଳ୍ପନା ଭଞ୍ଜ, ସ୍ୱପ୍ନା ସ୍ୱାଇଁ, ଘନଶ୍ୟାମ ସୁନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ଫିଟ୍‌ନେସ୍ ପାର୍କରେ ଭୋଟର ସଚେତନତା କାର୍ଯ୍ୟକ୍ରମ



**ରାଉରକେଲା, ୧୪।୫(ସମିସ):** ଭାରତ ସରକାରଙ୍କ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟ ଅଧୀନ କେନ୍ଦ୍ରୀୟ ସଞ୍ଚାର ବ୍ୟୁରୋ କେନ୍ଦୁଝର କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ସୁନ୍ଦରଗଡ଼ ଜିଲ୍ଲା ରାଉରକେଲାଠାରେ ଭୋଟର ସଚେତନତା ଅଭିଯାନ ମଙ୍ଗଳବାରଠାରୁ ଆରମ୍ଭ ହୋଇଛି। ପ୍ରଥମ ଦିନରେ ରାଉରକେଲା ମହାନଗର ନିଗମ କାର୍ଯ୍ୟାଳୟ ନିକଟ ଫିଟନେସ ପାର୍କରେ ମତଦାତା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

କାର୍ଯ୍ୟକ୍ରମରେ ପାନପୋଷ ଉପଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ବିଜୟ କୁମାର ନାୟକ ଏବଂ ରାଉରକେଲା ତହସିଲଦାର ନିବେଦିତା ପ୍ରଧାନ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ‘ଚୁନାବ କା ପର୍ବ, ଦେଶ କି ଗର୍ବ’ ଶୀର୍ଷକ ଏହି କାର୍ଯ୍ୟକ୍ରମରେ ପାର୍କରେ ପ୍ରାତଃ ଭ୍ରମଣ କରୁଥିବା ସ୍ଥାନୀୟ ବୁଦ୍ଧିଜୀବୀ ଓ ଜନସାଧାରଣ ଯୋଗଦେଥିଲେ। ଏହି ଅବସରରେ ଉପଜିଲ୍ଲାପାଳ ଏବଂ ତହସିଲଦାର ଜନସାଧାରଣଙ୍କୁ ଭୋଟଦାନ ସମ୍ପର୍କରେ ବୁଝାଇବା ସହ ବିଶେଷ ତଥ୍ୟ ଉପସ୍ଥାପନା କରିଥିଲେ। ଭୋଟଦାନ ଅଧିକାର ସମ୍ପର୍କିତ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା। ସଠିକ ଉତ୍ତରଦାତାଙ୍କୁ ପୁରସ୍କୃତ କରାଯାଇଥିଲା। କେନ୍ଦୁଝର ସିବିସିର କ୍ଷେତ୍ର ପ୍ରଚାର ଅଧିକାରୀ ପାର୍ଥସାରଥି ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିବା ବେଳେ ପ୍ରଦୀପ କୁମାର ନାୟକ ସହଯୋଗ କରିଥିଲେ। ବୁଧବାର ଛେଣ୍ଡସ୍ଥିତ ଭିଏସଏସ ମାର୍କେଟରେ ଏହି କାର୍ଯ୍ୟକ୍ରମ ହେବ ବୋଲି କୁହାଯାଇଛି।

# ଆର୍‌ଏସ୍‌ପି ପକ୍ଷରୁ ସିଆଇଏସ୍‌ଏଫ୍‌କୁ ବାହାନ ହସ୍ତାନ୍ତର

**ରାଉରକେଲା, ୧୪।୫(ସମିସ):** କାରଖାନାର ସୁରକ୍ଷା ଏବଂ ତଦାରଖକୁ ମଜବୁତ କରିବା ଉଦ୍ଦେଶ୍ୟରେ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ପକ୍ଷରୁ ସିଆଇଏସ୍‌ଏଫ୍ ରାଉରକେଲା ୟୁନିଟକୁ ୬ଟି ବୋଲେରୋ ଗାଡ଼ି ଏବଂ ୫ଟି ବୁଲେଟ୍ ହସ୍ତାନ୍ତର କରାଯାଇଛି। ମେ ୧୩ରେ ସିଆଇଏସଏଫ ଡିଆଇଜିଙ୍କ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ସିଆଇଏସଏଫ ରାଉରକେଲା ୟୁନିଟର ଡିଆଇଜି ରତନ କୁମାର, ପରିବହନ ଏବଂ ଏଫଏମ୍‌ଏମ୍ ବିଭାଗ ଜିଏମ୍ ଇନ୍-ଚାର୍ଜ ଅବକାଶ ମଲ୍ଲିକ, ସିଆଇଏସଏଫର ସିନିୟର କମାଣ୍ଡାଣ୍ଟ ଅଶୋକ ଜଲୱାନିଆ, ଡେପୁଟି କମାଣ୍ଡାଣ୍ଟ ମନୋଜ କୁମାର ଦାସ, ଜିଏମ ସର୍ଭିସେସ ପଞ୍ଚମ ପ୍ରସାଦ, ଏଏମଆର ବିଭାଗ ଜିଏମ ଇନଚାର୍ଜ ଅଶୋକ ପଣ୍ଡା, ପରିବହନ ବିଭାଗ ଏଜିଏମ ଭିକେ ଚୌଧୁରୀ, ଆରଏସପି ଓ ସିଆଇଏସଏଫର ଅନ୍ୟ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ରତନ କୁମାର ଏବଂ ଅବକାଶ ମଲ୍ଲିକ ଗାଡ଼ିଗୁଡ଼ିକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। କାରଖାନା ଦ୍ୱାରା ପ୍ରଦତ୍ତ ସହାୟତା ପାଇଁ ସିଆଇଏସଏଫ ଡିଆଇଜି ଆରଏସପି ପରିଚାଳନା କର୍ତ୍ତୃପକ୍ଷଙ୍କୁ ଧନ୍ୟବାଦ ଜଣାଇଥିଲେ।

ନୂତନ ଯାନଗୁଡ଼ିକ ସିଆଇଏସ୍‌ଏଫ୍‌ର କୁଇକ୍ ରେସପନ୍ସ ଟିମ୍ (କ୍ୟୁଆରଟି) ପାଇଁ କାରଖାନାର ପ୍ରାଚୀର ସୀମା ସୁରକ୍ଷା ଉପରେ ନଜର ରଖିବା ଏବଂ ଘଟଣାସ୍ଥଳରେ ତୁରନ୍ତ ପହଞ୍ଚିବାରେ ସହାୟକ ହେବ।



# ପୁନଃନିର୍ମିତ କୋକ୍ ଓଭେନ ବ୍ୟାଟେରୀ-୨ରେ ସଫଳତାର ସହିତ ଅଗ୍ନି ପ୍ରଜ୍ୱଳିତ

**ରାଉରକେଲା, ୧୪।୫(ସମିସ):** ଆର୍‌ଏସ୍‌ପି କୋକ୍ ଓଭେନ ବ୍ୟାଟେରୀ-୨ରେ ସଫଳତା ସହକାରେ ଅଗ୍ନି ସଂଯୋଗ ପୂର୍ବକ ପ୍ରଜ୍ୱଳିତ କରାଯାଇଛି। ଏଥିସହ ଏହାର ନିୟନ୍ତ୍ରିତ ହିଟିଂ ପ୍ରକ୍ରିୟା ଆରମ୍ଭ ହୋଇଛି। କାର୍ଯ୍ୟ ବିଭାଗ ନିର୍ବାହୀ ନିର୍ଦ୍ଦେଶକ ଏସଆର ସୂର୍ଯ୍ୟବଂଶୀ ଏହି ଅତ୍ୟାଧୁନିକ କୋକ୍ ଓଭେନ ବ୍ୟାଟେରୀ-୨ରେ ଅଗ୍ନି ସଂଯୋଗ କରିଥିଲେ। ଏହି ଅବସରରେ ମେକନ ପ୍ରକଳ୍ପ ବିଭାଗ ନିର୍ଦ୍ଦେଶକ ପିକେ ଦୀକ୍ଷିତ, ଆରଏସପି ପ୍ରକଳ୍ପ ବିଭାଗ ସିଜିଏମ ଏଏନ ମିଶ୍ର, ସୁଦୀପ ପାଲ ଚୌଧୁରୀ, ବହୁ ଅନ୍ୟ ସିଜିଏମ, ବରିଷ୍ଠ ଅଧିକାରୀ ଓ ବିଭାଗର କର୍ମଚାରୀ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ୪.୫ ମିଟର ଉଚ୍ଚତା ବିଶିଷ୍ଟ ୨ ନମ୍ବର କୋକ୍ ଓଭେନ ବ୍ୟାଟେରୀ ୧୯୫୮ରେ କାର୍ଯ୍ୟକ୍ଷମ ହୋଇଥିଲା। ୧୯୯୫ରେ ଶେଷଥର ଏହାର ପୁନଃନିର୍ମାଣ କାର୍ଯ୍ୟ ହୋଇଥିଲା। ଏହାର ଉତ୍ପାଦନ, ଉତ୍ପାଦକତା ଏବଂ ଗୁଣବତ୍ତା ତଥା ପରିବେଶ ମାନଦଣ୍ଡର ସଠିକ୍ ଅନୁକରଣ ପାଇଁ ଓଭେନର ପୁନଃନିର୍ମାଣ ୨୦୨୦ ଡିସେମ୍ବର ୧୫ରେ ଆରମ୍ଭ ହୋଇଥିଲା। ସମ୍ପୃକ୍ତ ଯନ୍ତ୍ରପାତି ଏବଂ ରିଫ୍ରାକ୍ଟୋରୀ ସହ ନୋଜଲ୍ ଡେକ୍ ସ୍ଲାବ୍ ପର୍ଯ୍ୟନ୍ତ ବ୍ୟାଟେରୀକୁ ଖୋଲାଯାଇଥିଲା। ବ୍ୟାଟେରୀରେ ମୋଟ ୭୦ଟି ଚୁଲି ସମାନ ଭାବରେ ଦୁଇଟି ବ୍ଲକରେ ବଣ୍ଟିତ ହୋଇଛି। ଏହା ଯୁଗଳ ବ୍ଲକ ସହ ପୁନଃନିର୍ମିତ ହୋଇଛି ଯଥା ବର୍ଜ୍ୟବସ୍ତୁ ଗ୍ୟାସର ଆଂଶିକ ପୁନଃସଞ୍ଚାରଣ ସହିତ କମ୍ପାଉଣ୍ଡ ଜେନେରେଟିଭ ଟ୍ୱିନ ଅଣ୍ଡର ଜେଟ ଫାୟାରିଂ ସିଷ୍ଟମ। କୋକ ଓଭେନ ବ୍ୟାଟେରୀ-୨ରେ ପର୍ଯ୍ୟାପ୍ତ ବାୟୁ ଯୋଗାଣ ଏବଂ କମ୍ପ୍ୟୁଟରୀକରଣ ଉତ୍ତାପ ନିୟନ୍ତ୍ରଣ ବ୍ୟବସ୍ଥା ମଧ୍ୟ ପ୍ରଦାନ କରାଯାଇଛି। ଏହି ନବୀକୃତ କୋକ ଓଭେନ ପ୍ରଦୂଷଣକୁ ରୋକିବା ଏବଂ କାର୍ଯ୍ୟକ୍ଷେତ୍ରରେ ପରିବେଶ ଗୁଣବତ୍ତା ବଜାୟ ରଖିବା ପାଇଁ ପରିବେଶ ଏବଂ ଜଙ୍ଗଲ ମନ୍ତ୍ରଣାଳୟ (ଏମ୍‌ଓଇଏଫ୍) ଦ୍ୱାରା ନିର୍ଦ୍ଧାରିତ ନିର୍ଗମନ ମାନ ଏବଂ ନିର୍ଦ୍ଦେଶାବଳୀ ପାଳନ କରିବାକୁ ଡିଜାଇନ୍ କରାଯାଇଛି।





ବ୍ୟାଟେରୀର ପୁନଃନିର୍ମାଣ ସମେତ ପ୍ରକଳ୍ପ ଅଧୀନରେ ଅନ୍ୟାନ୍ୟ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରାଯାଇଛି ଯାହା ମଧ୍ୟରେ କ୍ୱେଞ୍ଚିଂ ଟାୱାର ଏବଂ ୱାର୍ଫ୍ ସଂରଚନାର ପୁନଃନିର୍ମାଣ, କୋକ୍ ହ୍ୟାଣ୍ଡଲିଂ କ୍ଷମତାକୁ ବୃଦ୍ଧି ପାଇଁ ଇନପୁଟ ଓ ଆଉଟପୁଟ କନଭେୟର ସହ ୱାଗନ ଲୋଡିଂ, କୋକ କଟିଂ ଓ ସ୍କ୍ରିନିଂ ସୁବିଧା ସମ୍ପନ୍ନ ଏକ ନୂତନ ଷ୍ଟ୍ରକଚରାଲ କୋକ୍ ସର୍ଟିଂ ପ୍ଲାଣ୍ଟ ସ୍ଥାପନା ସାମିଲ ରହିଛି। ଅନ୍ୟ ପ୍ରମୁଖ କାର୍ଯ୍ୟ ମଧ୍ୟରେ ବାଇ-ପ୍ରଡକ୍ଟ ପ୍ଲାଣ୍ଟରେ ଯନ୍ତ୍ରପାତିର ନବୀକରଣ ଏବଂ ଚିମନିର ଉଚ୍ଚତା ୯୦ ମିଟରରୁ ୯୫ ମିଟରକୁ ବୃଦ୍ଧି ଇତ୍ୟାଦି ସାମିଲ ରହିଛି। ନବୀକୃତ କୋକ ଓଭେନ ବ୍ୟାଟେରୀ-୨କୁ ନୂତନ ଓଭେନ ମେସିନ୍, ୨ଟି କୋକ୍ ପୁସର୍ କାର୍, ୨ଟି କୋଇଲା ଚାର୍ଜିଂ କାର୍, ୨ଟି କୋକ୍ ଗାଇଡ୍ କାର୍, ଗୋଟିଏ କ୍ୱେଞ୍ଚ କାର୍ ଏବଂ ଗୋଟିଏ ଇଲେକ୍ଟ୍ରିକାଲ୍ ଲୋକୋ ଯୋଗାଇ ଦିଆଯାଇଛି। ଏହି ନୂତନ ସ୍ଥାପିତ ଓଭେନ ମେସିନଗୁଡ଼ିକରେ ବ୍ୟାଟେରୀ-୩ ସହିତ ଅଦଳବଦଳ ହୋଇପାରିବ।

ପୁନଃନିର୍ମିତ କୋକ ଓଭେନ ବ୍ୟାଟେରୀ-୨ ଏକ ବ୍ରାଉନ୍ ଫିଲ୍ଡ ପ୍ରକଳ୍ପ ଏବଂ କାର୍ଯ୍ୟକ୍ଷମ କୋକ୍ ଓଭେନ ବ୍ୟାଟେରୀ-୧ ଓ ୩ ମଧ୍ୟରେ ଅବସ୍ଥିତ। ଏହାର ବ୍ୟାଟେରୀ ପ୍ରପର ନିର୍ମାଣରେ ଅଗଣିତ ଆହ୍ୱାନ ଦେଖାଦେଇଥିଲା ଯାହାକୁ ସଫଳତାର ସହିତ ଅତିକ୍ରମ କରାଯାଇଥିଲା। ପ୍ରକଳ୍ପ, କୋକ୍ ଓଭେନ ଏବଂ ସିସିଡି ବିଭାଗ ତଥା ମୁଖ୍ୟ କଣ୍ଟ୍ରାକ୍ଟର ଯଥା ମେସର୍ସ ମେକନ ଏବଂ ମେସର୍ସ ବିଇସି ଲିମିଟେଡର ସମ୍ମିଳିତ ପ୍ରୟାସ ମାଧ୍ୟମରେ ବ୍ୟାଟେରୀ ଲାଇଟ୍ ଅପ୍ ହାସଲ ହୋଇପାରିଛି। ଉଲ୍ଲେଖନୀୟ ଯେ ଲାଇଟିଂ ଅପ ସହ ରିଫ୍ରାକ୍ଟୋରୀ ଲାଇନିଂର ନିୟନ୍ତ୍ରିତ ଉତ୍ତପ୍ତୀକରଣ ଆରମ୍ଭ ହୋଇଛି। କୋଇଲା ଚାର୍ଜିଂ ଓ କୋକ ପୁସିଂ ଆରମ୍ଭ ହେବା ପୂର୍ବରୁ ଆବଶ୍ୟକୀୟ ୧୧୬୦ ଡିଗ୍ରୀ ସେଣ୍ଟିଗ୍ରେଡ୍ ପହଞ୍ଚିବା ନିମନ୍ତେ ପ୍ରାୟ ୯୦ ଦିନ ସମୟ ଲାଗିବ ଯାହା ଅଗଷ୍ଟ ମାସ ମଧ୍ୟଭାଗରେ ହାସଲ ହେବା ଆଶା କରାଯାଉଛି।

## ସିବିଏସ୍‌ଇ ଦଶମ ଓ ଦ୍ୱାଦଶ ପରୀକ୍ଷା

# ଚିନ୍ମୟ ପବ୍ଲିକ ସ୍କୁଲର ଶତପ୍ରତିଶତ ଫଳ

**ରାଉରକେଲା, ୧୪।୫(ସମିସ):** ସିବିଏସଇ ପରୀକ୍ଷାରେ ଫର୍ଟିଲାଇଜର-ଆଇଡିଏଲ ଲିଙ୍କ ରୋଡ, ରାଉରକେଲା-୧୬ସ୍ଥିତ ଚିନ୍ମୟ ପବ୍ଲିକ ସ୍କୁଲରେ ଶତ ପ୍ରତିଶତ ଫଳାଫଳ ହୋଇଛି। ସ୍କୁଲର ମୋଟ ୧୭ ଛାତ୍ରଛାତ୍ରୀ ୧୦ମ ଶ୍ରେଣୀ ପରୀକ୍ଷା ଦେଇଥିଲେ। ସମସ୍ତେ ଉତ୍ତୀର୍ଣ୍ଣ ହୋଇଛନ୍ତି। ରିୟା ଚୌଧୁରୀ ୯୦ ପ୍ରତିଶତ ନମ୍ବର ରଖି ପ୍ରଥମ ସ୍ଥାନରେ ଉତ୍ତୀର୍ଣ୍ଣ ହୋଇ ବିଦ୍ୟାଳୟ ପାଇଁ ସୁନାମ ଅର୍ଜନ କରିଛନ୍ତି। ବିଦ୍ୟାଳୟ ପ୍ରବନ୍ଧନ କମିଟି ଏବଂ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ଏ ନେଇ ତାଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।



# ଡାଲମିଆ ବିଦ୍ୟାମନ୍ଦିର ଛାତ୍ରଛାତ୍ରୀଙ୍କ ସଫଳତା

**ରାଉରକେଲା, ୧୪।୫(ସମିସ)**

କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ (ସିବିଏସ୍‌ଇ) ଆନୁକୂଲ୍ୟରେ ଅନୁଷ୍ଠିତ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ରାଜଗାଙ୍ଗପୁରସ୍ଥିତ ଡାଲମିଆ ବିଦ୍ୟାମନ୍ଦିର (ଡିଭିଏମ୍)ର ଛାତ୍ରଛାତ୍ରୀ ଉଲ୍ଲେଖନୀୟ ସଫଳତା ହାସଲ କରିଛନ୍ତି। ଦ୍ୱାଦଶ ପରୀକ୍ଷାରେ ଶତପ୍ରତିଶତ ସଫଳତାର ଇତିହାସ ବଜାୟ ରହିଛି। ବିଜ୍ଞାନ ବିଭାଗ ଛାତ୍ରୀ ଶ୍ରେୟା ଘୋଷ ୯୭.୪ ପ୍ରତିଶତ ନମ୍ବର ରଖି ବିଦ୍ୟାଳୟ ଟପ୍ପର ହୋଇଛନ୍ତି। ସେହିପରି କଳା ବିଭାଗର ସଞ୍ଜୀବନୀ ଚାଟାର୍ଜୀ ୯୫.୪ ପ୍ରତିଶତ ଓ ବାଣିଜ୍ୟ ବିଭାଗର ରିତେଶ ମସକାରା ୯୬.୮ ପ୍ରତିଶତ ନମ୍ବର ରଖି ନିଜ ନିଜ ବିଭାଗରେ ଟପ୍ପର ହୋଇଛନ୍ତି।

ଦଶମ ଶ୍ରେଣୀ ପରୀକ୍ଷାରେ ମଧ୍ୟ ଶତପ୍ରତିଶତ ସଫଳତା ହାର ବଜାୟ ରହିଛି। ସମୃଦ୍ଧି ପାଣ୍ଡେ ୯୬.୮ ପ୍ରତିଶତ ମାର୍କ ରଖି ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଅମୟ ଚରଣ ପାହାଡ଼ି ୯୫.୬ ପ୍ରତିଶତ ଓ ଅନ୍ୱେଷା ଦାସ ୯୪.୬ ପ୍ରତିଶତ ମାର୍କ ରଖି ଯଥାକ୍ରମେ ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଏହି ସଫଳତା ପାଇଁ ବିଦ୍ୟାମନ୍ଦିର ସିଇଓ ଡ. ରୋସେଟା ୱିଲିଅମ୍ସ ଓ ଅଧ୍ୟକ୍ଷ ଜୟଦେବ କର ସମସ୍ତଙ୍କୁ ଅଭିନନ୍ଦନ ଜଣାଇବା ସହ ଛାତ୍ରଛାତ୍ରୀଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି। ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅବଦାନ ତଥା ଅଭିଭାବକଙ୍କ ସହଯୋଗ ଓ ସର୍ବୋପରି ବିଦ୍ୟାଳୟ ପ୍ରବନ୍ଧନ ତରଫରୁ ମିଳିଥିବା ସମ୍ପୂର୍ଣ୍ଣ ସହଯୋଗରେ ଏହା ସମ୍ଭବ ହୋଇପାରିଥିବା ଅଧ୍ୟକ୍ଷ କର ପ୍ରକାଶ କରିଛନ୍ତି। ସୂଚନାଯୋଗ୍ୟ, ଡାଲମିଆ ସିମେଣ୍ଟ ଭାରତ ଲିମିଟେଡ ଅଧୀନ ଡାଲମିଆ ବିଦ୍ୟାମନ୍ଦିର ସମୂହର ଦେଶର ବିଭିନ୍ନ ସ୍ଥାନରେ ୬ଟି ବିଦ୍ୟାଳୟ ରହିଛି। ସେ ମଧ୍ୟରୁ ରାଜଗାଙ୍ଗପୁରସ୍ଥିତ ଡାଲମିଆ ବିଦ୍ୟାମନ୍ଦିର ଅନ୍ୟତମ। ଡାଲମିଆ ବିଦ୍ୟାମନ୍ଦିର ମୁଖ୍ୟ କାର୍ଯ୍ୟାଳୟ ନୂଆଦିଲ୍ଲୀଠାରେ ରହିଛି।


ସଞ୍ଜୀବନୀ ଚାଟାର୍ଜୀ


ଶ୍ରେୟା ଘୋଷ


ରିତେଶ ମସକାରା


ସମୃଦ୍ଧି ପାଣ୍ଡେ


ଅମୟ ଚରଣ ପହାଡ଼ି


ଅନ୍ୱେଷା ଦାସ

## ସରିଲା ନାମାଙ୍କନ, ପ୍ରଚାର ଆରମ୍ଭ

# ଘଡ଼ିଆମାଳ, ଈଶ୍ୱରପୁରରେ ଧ୍ରୁବଙ୍କ ରୋଡ୍ ଶୋ'



**ରାଜନଗର, ୧୪।୫(ସମିସ):** ନାମାଙ୍କନ ପ୍ରକ୍ରିୟା ସରିବା ପରେ ଏବେ ଗାଁ ଗହଳିରେ ଆରମ୍ଭ ହୋଇଛି ପ୍ରଚାର। ରାଜନଗର ନିର୍ବାଚନମଣ୍ଡଳୀର ଘଡ଼ିଆମାଳ, ଈଶ୍ୱରପୁର ପଞ୍ଚାୟତରୁ ବିଜୁ ଜନତା ଦଳର ବିଧାୟକ ପ୍ରାର୍ଥୀ ଧ୍ରୁବ ସାହୁ ପ୍ରଚାର ଆରମ୍ଭ କରିଛନ୍ତି। ହଂସିଣା ସେତୁ ନିକଟରୁ ଏକ ବିରାଟ ବାଇକ୍ ଶୋଭାଯାତ୍ରାରେ ଦୁଇ ପଞ୍ଚାୟତର କର୍ମୀ ବିଧାୟକ ପ୍ରାର୍ଥୀଙ୍କୁ ପାଛୋଟି ନେଇଥିଲେ। ହଂସିଣା ସେତୁ ନିକଟରୁ ବାହାରିଥିବା ରୋଡ୍ ଶୋ ଘଡ଼ିଆମାଳ, ଦାରୁଓରା, ବଳରାମପୁର, ନୂଆଗାଁ, ଜୁଣଗଡି, ପଞ୍ଚୁପଲ୍ଲୀ, ତଅଁଳାକୋଳା, ନୂଆଖୁଣ୍ଟା, ଶିଳପୋଖରୀ, ବଳଭଦ୍ରପୁର, ଜୁନୁସନଗର, ଅଜଗରପାଟିଆ, ରାଜବିଜୟନଗର, ରିଘାଗଡ଼, ପୁରଷ୍ତମପୁର, ଈଶ୍ୱରପୁର, ଦିଘି, ଜମ୍ବୁସାଗର, ମଧୁପୁର ପ୍ରଭୃତି ଗାଁ ପରିକ୍ରମା କରି ଭୋଟ ଭିକ୍ଷା କରିଥିଲେ।

ଗତ ୫ ବର୍ଷରେ ରାଜନଗର ନିର୍ବାଚନମଣ୍ଡଳୀରେ କରିଥିବା ବିକାଶ ଓ ଆଗାମୀ ୫ ବର୍ଷରେ ସେ କ'ଣ ବିକାଶ କରିବେ, ସେ ନେଇ ଭୋଟରଙ୍କୁ କହି ମନ ଜିଣିଥିଲେ। ବିଧାୟକଙ୍କ ସହିତ ବ୍ଲକ ବିଜେଡି ସଭାପତି ନିରଞ୍ଜନ ରାଉତ, ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରତିଭା ପାତ୍ର, ବରିଷ୍ଠ ବିଜେଡି ନେତା ବିଜୟ ନାୟକ, ନରହରି ଜେନା, ଯୁବ ବିଜେଡି ସମ୍ପାଦକ ସରୋଜ ରାଉତ, ଯୁବନେତା ପ୍ରଭାତ କୁମାର ରାଉଳ, ରବୀନ୍ଦ୍ର ସିଂ, ସୁଶାନ୍ତ ବେହେରା, ପବିତ୍ର କରଣ, ରାଜ୍ୟ ଛାତ୍ର ବିଜେଡି ସମ୍ପାଦକ ବୈବର୍ତ୍ତ ନାରାୟଣ ବିଶ୍ୱାଳ, ଘଡିଆମାଳ ସରପଞ୍ଚ ଶୈଳେନ୍ଦ୍ର ମିଶ୍ର, ଈଶ୍ୱରପୁର ସମିତିସଭ୍ୟା ଶଶୀକଳା ବେହେରା, ଘଡିଆମାଳ ପଞ୍ଚାୟତ ସଭାପତି ସୀତାକାନ୍ତ ନାୟକ, ଈଶ୍ୱରପୁର ପଞ୍ଚାୟତ ସଭାପତି ଶୁଭ୍ରକାନ୍ତ ଭ୍ରମରରାୟ, ବିଜେଡି ନେତା ନୀଳମଣି ପ୍ରଧାନ, ରାକେଶ ନାୟକ, ବିଜୟ ମଲିକ, ଅନାଦୀ ମଲିକ, ଲକ୍ଷ୍ମୀଧର ବିଶ୍ୱାଳ, ଗୋବର୍ଦ୍ଧନ ପ୍ରଧାନ, ସାଇରାଜ ସାହୁ, ଗୋବର୍ଦ୍ଧନ ଧଳ, ଶରତ ରାଉତ, ବସନ୍ତ ନାୟକ, ଅଦୈତ ଜେନା, ଅଞ୍ଜନ ଦାସ, ଶରତ ଦାସ, ବଳରାମ ନାୟକ, ହୃଷିକେଶ ନାୟକ, ମୋହନ ଚନ୍ଦ୍ର ବିଶ୍ୱାଳ, ହୃଷିକେଶ ପ୍ରଧାନ, ରଘୁନାଥ ପ୍ରଧାନ, ବସନ୍ତ କୁମାର ବେହେରା, ଜିତେନ୍ଦ୍ର ବିଶ୍ୱାଳ, ବାଇଧର ବାରିକ, ଗୌରାଙ୍ଗ ବାରିକ, ବିଜୟବେହେରା, ଗଦାଧରମୋହଲ, ଭାଗ୍ୟଧର ଦାସ, ସୁବାସ ସାମଲ, ଗୌରାଙ୍ଗ ରାଉଳ, ମଧୁସୂଦନ ଜେନା, ନୀଳମାଧବ ଜେନା, ସନାତନ ଲେଙ୍କା, ନାରାୟଣ ଦାସ, ବାଇଧର ବାରିକ, ଚନ୍ଦ୍ରଭାନୁ ବାରିକ, ଶ୍ରୀଚରଣ ମହାନ୍ତି, ହୃଷିକେଶ ବେହେରା, ପଞ୍ଚାନନ ସେଠୀ, ରୁଦ୍ରନାରାୟଣ ପ୍ରଧାନ, ଗଦାଧର ମହାନ୍ତି, ଭରତ ଦାସ, ରମାକାନ୍ତ ଭ୍ରମରରାୟ, ମାନସ ମାଇତି, ଧନେଶ୍ୱର ସ୍ୱାଇଁ, ସୁଜିତ ମାନା, ଅଭିରାମ ମୁଦୁଲି, ବିଜୟ ମହାରଣା, ଦୀପ୍ତିମୟୀ ଦାସ ପ୍ରମୁଖ ଏହି ରୋଡ୍ ଶୋରେ ସାମିଲ ହୋଇଥିଲେ।

# ପଙ୍କପାଳରେ ମୋନିଦୀପାଙ୍କ ବନ୍ଧୁମିଳନ ଓ ପ୍ରଚାର



**କୁଜଙ୍ଗ,୧୪।୫(ସମିସ):** କୁଜଙ୍ଗ ବ୍ଲକ ପଙ୍କପାଳର ଏକ ଘରୋଇ ମଣ୍ଡପରେ ସଦ୍ୟ ବିଜେଡିରେ ଯୋଗଦେଇଥିବା ବିଜୁ ଶ୍ରମିକ ସାମ୍ମୁଖ୍ୟର କାର୍ଯ୍ୟକାରୀ ସଭାନେତ୍ରୀ ମୋନିଦୀପା ସର୍ଖେଲଙ୍କ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଜଙ୍ଗର ପ୍ରାକ୍ତନ ସମିତିସଭ୍ୟ ତଥା ଯାଦବ ନେତା ଏଏନ୍‌ଡି ଯାଦବଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ବନ୍ଧୁମିଳନ କାର୍ଯ୍ୟକ୍ରମକୁ ବିଜେଡି ନେତ୍ରୀ ମୋନିଦୀପା ସର୍ଖେଲ ଉଦ୍‌ଘାଟନ କରିବା ସହ ଆଜିର ସମୟରେ ରାଜ୍ୟ ତଥା ପାରାଦୀପର ବିକାଶ ପାଇଁ ସାଂସଦ ପ୍ରାର୍ଥିନୀ ଡାକ୍ତର ରାଜଶ୍ରୀ ମଲ୍ଲିକ ଓ ବିଧାୟିକା ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟଙ୍କ ପାଇଁ ଭୋଟ ଦେବାକୁ ତାଙ୍କ ସମର୍ଥକଙ୍କୁ ନିବେଦନ କରିବା ସହ ଶାନ୍ତ, ବିଭେଦମୁକ୍ତ ଓ ସମୃଦ୍ଧ ପାରାଦୀପ ତାଙ୍କର ଲକ୍ଷ୍ୟ ବୋଲି କହିଥିଲେ। ମୁଖ୍ୟମନ୍ତ୍ରୀଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରିବାକୁ ଯୁବକ ଓ ମହିଳାଙ୍କୁ ଆହ୍ୱାନ ଦେଇଥିଲେ। ଏ ଅବସରରେ ପାରାଦୀପ ପୌର ପରିଷଦର ଉପାଧ୍ୟକ୍ଷା ଛବିଳତା ରାଉତ, ପଙ୍କପାଳର ପ୍ରାକ୍ତନ ସରପଞ୍ଚ ଡାକ୍ତର ଶରତ ଚନ୍ଦ୍ର ମହାପାତ୍ର, ପ୍ରାକ୍ତନ କଂଗ୍ରେସ ସଭାପତି ରମେଶ ଚନ୍ଦ୍ର ଦାସ ପ୍ରମୁଖ ଯୋଗଦେଇ ଯୁବକଙ୍କୁ ମାର୍ଗଦର୍ଶନ କରିବା ସହ ଡାକ୍ତର ରାଜଶ୍ରୀ ମଲ୍ଲିକ ଓ ଗୀତାଞ୍ଜଳିଙ୍କ ପାଇଁ ପ୍ରଚାର କରିଥିଲେ। ମୋନିଦୀପା ବିଜେଡିରେ ଯୋଗଦାନ କରିବା ପରେ ତାଙ୍କ ଶୁଭେଚ୍ଛୁ ଓ ସମର୍ଥକଙ୍କୁ ବିଜେଡି ସହ ଯୋଡ଼ିବା ପାଇଁ ଜୋରଦାର ଉଦ୍ୟମ ଚଳାଇଛନ୍ତି। ସେ ଘନଘନ ବିଭିନ୍ନ ପଞ୍ଚାୟତ ଗସ୍ତ କରିବା ସହ ବନ୍ଧୁମିଳନ ଓ ସଭାରେ ବିଜେଡି ପାଇଁ ଭୋଟ ଭିକ୍ଷା କରୁଥିବା ଲକ୍ଷ୍ୟ କରାଯାଉଛି।

# ରଘୁନାଥ ସାହୁ ବ୍ଲକ ବିଜେଡି ପ୍ରଚାର କମିଟି ଅଧ୍ୟକ୍ଷ



**କୁଜଙ୍ଗ,୧୪।୫(ସମିସ):** ଚଳିତ ବର୍ଷ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ମୁଖ୍ୟମନ୍ତ୍ରୀ ତଥା ବିଜୁ ଜନତା ଦଳ ସଭାପତିଙ୍କ ଆଦେଶ କ୍ରମେ ଜିଲ୍ଲା ସଭାପତି ରବିନାରାୟଣ ଜେନା କୁଜଙ୍ଗ ଅଞ୍ଚଳର ବିଶିଷ୍ଟ ନାଟ୍ୟକାର,ଲେଖକ କୁଜଙ୍ଗକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଘୋଷଣା ପାଇଁ ଆନ୍ଦୋଳନର ମୁଖ୍ୟ ପୁରୋଧା ଓ ଦଳର ବରିଷ୍ଠ ସଂଗଠକ ରଘୁନାଥ ସାହୁଙ୍କୁ ନିର୍ବାଚନ ପ୍ରଚାର କମିଟ୍ ଅଧ୍ୟକ୍ଷ ଭାବେ ନିଯୁକ୍ତ କରିଛନ୍ତି। ଶିକ୍ଷା ସାହିତ୍ୟ ସଂସ୍କୃତି ସମାଜ ସେବା ଅନୁଷ୍ଠାନ 'ପ୍ରିୟବନ୍ଧୁ'ର ପ୍ରତିଷ୍ଠାତା,କୁଜଙ୍ଗ ଲୋକ ମହୋତ୍ସବର ସଙ୍ଗଠନ ସମ୍ପାଦକ ସହିତ କୁଜଙ୍ଗର ସ୍ୱାର୍ଥ ସମ୍ବଳିତ ନାନା ସାମାଜିକ ଆନ୍ଦୋଳନ କ୍ଷେତ୍ରରେ ଶ୍ରୀ ସାହୁଙ୍କର ସାଙ୍ଗଠନିକ ଦକ୍ଷତା ଓ ଦଳପାଇଁ ଦୀର୍ଘ ଦିନ ଧରି କାର୍ଯ୍ୟକରିବାର ନିଷ୍ଠାପରତାକୁ ବିଚାରକୁ ନେଇ ତାଙ୍କୁ ଏହି ଗୁରୁ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ,ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ,୫-ଟି ଅଧ୍ୟକ୍ଷ ଭି କେ ପାଣ୍ଡିଆନ, ଜିଲ୍ଲା ସଭାପତି ରବି ନାରାୟଣ ଜେନା, ପର୍ଯ୍ୟବେକ୍ଷକ ସନ୍ତୋଷ ବେଜ୍,ବିଧାୟକ ସମ୍ବିତ୍ ରାଉତରାୟ, ଜିଲ୍ଲା ବିଜେଡ଼ି ଉପ ସଭାପତି ପୀତାମ୍ବର ତରାଇଙ୍କୁ କୃତଜ୍ଞତା ଜଣାଇବା ସହିତ ଦଳ ଯେଉଁ ଉଦ୍ଦେଶ୍ୟରେ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଯେଉଁ ଗୁରୁ ଦାୟିତ୍ୱ ପ୍ରଦାନ କରିଛନ୍ତି ତାହାକୁ ତାଙ୍କର ସମସ୍ତ ଶକ୍ତି ସାହାସ ଉପଯୋଗ କରି ନିର୍ବାହ କରିବେବୋଲି ଶ୍ରୀ ସାହୁ ପ୍ରତିକ୍ରିୟା ପ୍ରକାଶ କରି କହିଛନ୍ତି। ଏହି ଅବସର ରେ ବ୍ଲକ୍ ବିଜେଡ଼ି ସଭାପତି ନରେନ୍ଦ୍ର ପରିଡା, କାର୍ଯ୍ୟକାରୀ ସଭାପତି ସୁଡ଼ଳ ସ୍ୱାଇଁ , ବରିଷ୍ଠ ବିଜେଡ଼ି ନେତା ଜିଲା ଉପ ସଭାପତି ପୀତାମ୍ବର ତରାଇ, ମଦନ ମୋହନ ସ୍ୱାଇଁ ଓ ପ୍ରଫୁଲ୍ଲ ପରିଡା ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ଡେରାବିଶରେ ଜୋର୍ ଧରିଲା ବିଜେଡିର ପ୍ରଚାର



**ଡେରାବିଶ, ୧୪।୫ (ସମିସ):** ପାଟକୁରା ନିର୍ବାଚନ ମଣ୍ଡଳୀରେ ଆସନ୍ତୁ ଜୁନ୍ ୧ ତାରିଖରେ ନିର୍ବାଚନ ହେବ। ନିର୍ବାଚନ ତାରିଖ ପାଖେଇ ଆସୁଥିବାରୁ ପାଟକୁରା ନିର୍ବାଚନମଣ୍ଡଳୀରେ ବିଜେଡି ତା'ର ପ୍ରଚାରକୁ ଜୋରଦାର କରିଛି। ଆଜି ପୂର୍ବାହ୍ନରେ ନିର୍ବାଚନମଣ୍ଡଳୀ ଡେରାବିଶ ବ୍ଲକ ଅନ୍ତର୍ଗତ ଖମୋଳ ପଞ୍ଚାୟତରେ ଆଜି ପୂର୍ବାହ୍ନରେ ବ୍ଲକ ବିଜେଡି ସଭାପତି ଦେବାଶିଷ ଅଚାର୍ଯ୍ୟଙ୍କ ନେତୃତ୍ୱରେ ବିଜେଡିର ପ୍ରଚାର କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ପାଟକୁରା ବିଜେଡି ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ଯୋଗଦେଇ ଘରକୁ ଘର ବୁଲି ଯୋଡ଼ି ଶଙ୍ଖରେ ଭୋଟ ଦେଇ ନବୀନ ପଟ୍ଟନାୟକଙ୍କ ହାତମୁଠକୁ ଟାଣ କରିବାକୁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଖମୋଳ ସରପଞ୍ଚ ତୃପ୍ତିମୟୀ କର, ସମିତିସଭ୍ୟ ଅକ୍ଷୟ ନାୟକ, ସରୋଜକାନ୍ତ ନାୟକ, ମନୋରଞ୍ଜନ ଉପାଧ୍ୟାୟଙ୍କ ସମେତ ଅନ୍ୟ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ନହଙ୍ଗ ପଞ୍ଚାୟତରେ ଘରେ ଘରେ ଶଙ୍ଖ



**ପଞ୍ଚୁପାଣ୍ଡବ, ୧୪।୫(ସମିସ):** ଡେରାବିଶ ବ୍ଲକ ନହଙ୍ଗ ପଞ୍ଚାୟତରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡ଼ି ସଭାପତି ଦେବାଶିଷ ଆଚାର୍ଯ୍ୟଙ୍କ ନେତୃତ୍ୱରେ ପାଟକୁରା ବିଜେଡି ବିଧାୟକ ପ୍ରାର୍ଥୀ ଅରବିନ୍ଦ ମହାପାତ୍ର ନହଙ୍ଗ ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗ୍ରାମରେ ଘରକୁ ଘର ବୁଲି ଭୋଟ ଭିକ୍ଷା କରିଥିଲେ। ପ୍ରଥମେ ହନୁମାନ ମନ୍ଦିରରେ ପୂଜାର୍ଚ୍ଚନା କରି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଶ୍ରୀ ମହାପାତ୍ର ଘରକୁ ଘର ବୁଲି ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ଲୋକାଭିମୁଖୀ କାର୍ଯ୍ୟ ସମ୍ବନ୍ଧରେ ଲୋକଙ୍କୁ ବୁଝାଇଥିଲେ। ଏହି କାର୍ଯ୍ୟକ୍ରମ ପରିଚାଳନାରେ ବରିଷ୍ଠ ବିଜେଡି ନେତା ସରୋଜକାନ୍ତ ନାୟକ, ବ୍ଲକ ଯୁବ ବିଜେଡି ସଭାପତି ଗୋଲଖ ସାହୁ, ପଞ୍ଚାୟତ ସଭାପତି ରବିନାରାୟଣ ପଣ୍ଡା, ସରଳରେଖା ସାହୁ, ଦିଲ୍ଲୀପ ଦାସ, ଅଶୋକ କୁମାର ସେଠୀ, ତ୍ରିଲୋଚନ ସାହୁ, କାଳନ୍ଦୀ ଜେନା, ପ୍ରାର୍ଥସାରଥି ଚକ୍ରବର୍ତ୍ତୀ, ସଂଗ୍ରାମ ସେଠୀ ପ୍ରମୁଖ ସହଯୋଗ କରିଥିଲେ।

# ଫୁଟବଲ ଖେଳାଳି ଏସ୍‌ପି ମାଝୀଙ୍କ ଦେହାନ୍ତ



**ପାରାଦୀପ, ୧୪।୫ (ସମିସ):** ପାରାଦୀପ ଭେଟରାନ ଫୁଟବଲ୍ କ୍ଲବର ପୂର୍ବତନ ସଦସ୍ୟ ଏସପି ମାଝୀଙ୍କ ପରଲୋକ ହୋଇଯାଇଛି। ତାଙ୍କର ଗତକାଲି ଭୁବନେଶ୍ୱରର ଏକ ବେସରକାରୀ ଡାକ୍ତରଖାନାରେ ୫୮ ବର୍ଷ ବୟସରେ ମୃତ୍ୟୁ ଘଟିଥିଲା। ତାଙ୍କ ଦେହାନ୍ତ ଖବର ଜାଣିବା ପରେ ବନ୍ଦର କର୍ମଚାରୀ ତଥା ଭେଟରାନ ଫୁଟବଲ କ୍ଲବର ଖେଳାଳିଙ୍କ ମଧ୍ୟରେ ଶୋକର ଛାୟା ଖେଳିଯାଇଛି। ଶ୍ରୀ ମାଝୀ ପାରାଦୀପ କଷ୍ଟମ ବିଭାଗରେ ଦୀର୍ଘ ୧୦ ବର୍ଷ ଧରି କାର୍ଯ୍ୟ କରିବା ପରେ ଭୁବନେଶ୍ୱର କଷ୍ଟମ ବିଭାଗକୁ ବଦଳି ହୋଇଥିଲେ। ମୃତ୍ୟୁ ବେଳକୁ ଭୁବନେଶ୍ୱରର କଷ୍ଟମ୍ ବିଭାଗର ମୁଖ୍ୟ କାର୍ଯ୍ୟାଳୟରେ କାର୍ଯ୍ୟରତ ଥିଲେ। ପାରାଦୀପର କଷ୍ଟମ ବିଭାଗରେ କାର୍ଯ୍ୟ କରୁଥିବାବେଳେ ସେ ପାରାଦୀପ ଭେଟରାନ କ୍ଲବର ଜଣେ ଅନ୍ୟତମ ସଦସ୍ୟ ଥିଲେ। ଶ୍ରୀ ମାଝୀ ଓଡ଼ିଶାର ଜଣେ ସୁନାମଧନ୍ୟ ଫୁଟବଲ୍ ଖେଳାଳି ଥିଲେ। ବୟସ ତାଙ୍କ ନିକଟରେ ହାର ମାନିଥିଲା। ତାଙ୍କ ଅକାଳ ମୃତ୍ୟୁରେ ପାରାଦୀପ ଭେଟରାନ କ୍ଲବର ସଦସ୍ୟ ଆଜି ସକାଳେ ସ୍ଥାନୀୟ ଗୋପବନ୍ଧୁ ଷ୍ଟାଡ଼ିୟମ ପରିସରରେ ଦୁଇ ମିନିଟ୍ ନିରବ ପ୍ରାର୍ଥନା କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

# କାଟଣାର ଓମ୍ ବେହେରା କେନ୍ଦ୍ରାପଡ଼ା ଜବାହର ନବୋଦୟ ବିଦ୍ୟାଳୟ ଟପ୍ପର



**ରାଜକନିକା,୧୪।୫(ସମିସ):** ସର୍ବଭାରତୀୟ ସ୍ତରର ଗତକାଲି ପ୍ରକାଶିତ ସିବିଏସଇ ଦଶମ ଶ୍ରେଣୀର ପରୀକ୍ଷା ଫଳରେ କେନ୍ଦ୍ରାପଡା ଜିଲ୍ଲା ଜବାହାର ନବୋଦୟର ଛାତ୍ର ଓମ ବେହେରା ଜିଲ୍ଲା ଟପ୍ପର ହୋଇଛନ୍ତି ।ରାଜକନିକା ବ୍ଲକ କାଟଣା ଗାଁର ଓମ ଜଣେ ମେଧାବୀ ଛାତ୍ର ଭାବରେ ପରିଚିତ ଥାଇ କଠିନ ଅଧ୍ୟବସାୟ ବଳରେ ସେ ଲେଟରାଲ ଏଣ୍ଟ୍ରି ପରୀକ୍ଷା ଦେଇ ଅଷ୍ଟମ ଶ୍ରେଣୀରେ ପଢୁଥିବା ବେଳେ ନବମ ଶ୍ରେଣୀରୁ ଜବାହାର ନବୋଦୟ ବିଦ୍ୟାଳୟରେ ପଢିବା ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ । ରାଜକନିକା ବ୍ଲକ କାଟଣାବଣିଆ ଗ୍ରାମ ପଞ୍ଚାୟତର କାଟଣା ଗାଁ ର ବାପା ମନୋରଞ୍ଜନ ବେହେରା ଓ ମାଆ ବିଳାସିନୀ ବେହେରାଙ୍କ ବଡ଼ ପୁଅ ଓମ ବେହେରା ପିଲାଟି ଦିନରୁ ଅତ୍ୟନ୍ତ ତୀକ୍ଷ୍ଣ ଜ୍ଞାନ ସମ୍ପନ୍ନ ଛାତ୍ର । ଓମ ଚଳିତ ବର୍ଷ ଅନୁଷ୍ଠିତ ସିବିଏସଇର ପରୀକ୍ଷାରେ ମୋଟ ୫୦୦ ନମ୍ବରରେ ପରୀକ୍ଷା ଦେଇ ଇଂରାଜୀରେ ୮୯ ଗଣିତ- ୧ରେ ୯୯ ଗଣିତ- ୨ ରେ ୯୯ ବିଜ୍ଞାନରେ ୯୭ ସାମାଜିକ ବିଜ୍ଞାନରେ ୯୯ ଓଡ଼ିଆରେ ୯୯ ମୋଟ ୪୮୩ ନମ୍ବର ରଖିବା ସହ ସମୁଦାୟ ମାର୍କର ୯୬.୬ ପ୍ରତିଶତ ହାରରେ ନମ୍ବର ପାଇ କେନ୍ଦ୍ରାପଡ଼ା ଜିଲ୍ଲାର ଟପ୍ପର ହୋଇ ଗୌରବ ଆଣିଛନ୍ତି ।ଅତି ସାଧାରଣ ପରିବାରରେ ଜନ୍ମ ହୋଇଥିବା ଓମ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ନିଜକୁ ରୋଗୀଙ୍କ ସେବାରେ ଉତ୍ସର୍ଗ କରିବାକୁ ଲକ୍ଷ୍ୟ ରଖିଛନ୍ତି ।ବାପା ଜଣେ ରାଜମିସ୍ତ୍ରୀ ଭାବରେ ଶ୍ରମ କରୁଥିବା ସ୍ୱଳ୍ପ ରୋଜଗାର ରେ ପଢିବା ପ୍ରତି ଢେର ମନୋଭାବ ରଖିଥିବା ଓମଙ୍କ ଏଭଳି ବିରଳ କୃତିତ୍ୱରେ ଜେଜେବାପା ହଳଧର ବେହେରା ଓ ଜେଜେ ମା ସତୀ ବେହେରା ଖୁବ ଉତ୍ସାହିତ ହୋଇ ତାଙ୍କ ଗ୍ରାମର ଆରାଧ୍ୟ ପ୍ରଭୂ ବାବା କପିଳେଶ୍ୱରଙ୍କୁ ଶ୍ରେୟ ଦେଇଛନ୍ତି । ନିଜ ସଫଳତାର ଶ୍ରେୟକୁ ଓମ ନିଜର ପିତା ମାତା ଗୁରୁଜନ ଶିକ୍ଷକ ଶିକ୍ଷିକା ମାନଙ୍କୁ ଅର୍ପଣ କରି ପାଠ ପଢିବା ପାଇଁ କେବଳ ଅର୍ଥ ନୁହେଁ କଠିନ ଅଧ୍ୟବସାୟ ସଫଳତା ଆଣିଦିଏ ବୋଲି ପ୍ରମାଣିତ କରିଥିବାରୁ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

# ଗୀତାଞ୍ଜଳିଙ୍କ ପାଇଁ ବିଜେଡି ମହିଳା କର୍ମୀଙ୍କ ଜୋର୍‌ଦାର ପ୍ରଚାର



**କୁଜଙ୍ଗ,୧୪।୫(ସମିସ୍):** ବିଜେଡି ଜଗତସିଂହପୁର ଓ ପାରଦୀପରେ ସାଂସଦ ଓ ବିଧାୟକ ପ୍ରାର୍ଥୀ ରୂପେ ମହିଳା କାର୍ଡ ଖେଳିଥିବାବେଳେ ଦଳର ସୁପ୍ରିମୋଙ୍କ ଏହି କାର୍ଯ୍ୟ ପାଇଁ ପାରାଦୀପ ନିର୍ବାଚନମଣ୍ଡଳୀର ବିଜେଡି ମହିଳା କର୍ମୀ ଉତ୍ସାହିତ ଅଛନ୍ତି। ସେମାନେ ଉଭୟ ପ୍ରାର୍ଥିନୀଙ୍କୁ ବିଜୟୀ କରିବାକୁ ଜୋର୍‌ଦାର ପ୍ରଚାର ଜାରି ରଖିଛନ୍ତି। କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ଅଗପାଳ, କୁଜଙ୍ଗ ଆଦି ପଞ୍ଚାୟତର ମହିଳା ସମାବେଶ ସହ ବିଭିନ୍ନ ଗ୍ରାମକୁ ମହିଳା ନେତ୍ରୀ ଗସ୍ତ କରି ଦଳର ପ୍ରାର୍ଥିନୀଙ୍କ ପାଇଁ ଭୋଟ ପ୍ରଚାର ଆରମ୍ଭ କରିଛନ୍ତି। ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷା ତଥା ଜିଲ୍ଲା ମହିଳା ସଭାନେତ୍ରୀ ସବିତା ମହାପାତ୍ର, କୁଜଙ୍ଗ ପଞ୍ଚାୟତ ସମିତି ଅଧ୍ୟକ୍ଷା ନୀନାରାଣୀ ସାହୁ, କୁଜଙ୍ଗ ସରପଞ୍ଚ ବନ୍ଦିତା ଦାସ ପ୍ରମୁଖ ପାରାଦୀପ ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ଗୀତାଞ୍ଜଳି ରାଉତରାୟ ଓ ସାଂସଦ ପ୍ରାର୍ଥିନୀ ଡାକ୍ତର ରାଜଶ୍ରୀ ମଲ୍ଲିକଙ୍କ ପାଇଁ ପ୍ରଚାର ସହ ନବୀନ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କରେ ସୂଚନା ଦେଇ ଚଳିତ ନିର୍ବାଚନରେ ମୁଖ୍ୟମନ୍ତ୍ରୀ ତଥା ବିଜେଡି ସୁପ୍ରିମୋ ଜଗତସିଂହପୁର ଲୋକସଭା ଆସନ ଓ ପାରାଦୀପ ନିର୍ବାଚନମଣ୍ଡଳୀ ପାଇଁ ଦୁଇଜଣ ମହିଳାଙ୍କୁ ପ୍ରାର୍ଥୀ କରିବା ମହିଳାଙ୍କ ପାଇଁ ଗର୍ବର ବିଷୟ ବୋଲି କହୁଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭ୍ୟା ତଥା ବ୍ଲକ୍ ମହିଳା ସଭାନେତ୍ରୀ ପୁଷ୍ପଲତା ବେହେରା, ବିଶ୍ୱାଳୀ ସରପଞ୍ଚ ମନୋରମା ମଲ୍ଲ, ବିଶ୍ୱାଳୀ ସମିତି ସଭ୍ୟା ସତ୍ୟଭାମା ସାମଲ, ନାରୀନେତ୍ରୀ ଅବନ୍ତୀ ମାଝୀ ପ୍ରମୁଖ ଗୀତାଞ୍ଜଳିଙ୍କ ପାଇଁ ଅଭିନବ ଢଙ୍ଗରେ ପ୍ରଚାର କରିବା ଆରମ୍ଭ କରିଛନ୍ତି।

## ସୁନ୍ଦରଗଡ଼ ସହରରେ ଆଇପିଏଲ୍ ବେଟିଂର ପର୍ଦ୍ଦାଫାସ

# ୪ ଗିରଫ; ୫ ଲକ୍ଷ ୧୭ ହଜାର ଟଙ୍କା ଜବତ





**ସୁନ୍ଦରଗଡ଼, ୧୪।୫(ସମିସ)**

ସ୍ଥାନୀୟ ଟାଉନ ଥାନା ପୁଲିସ ସୁନ୍ଦରଗଡ଼ ସହରରେ ଚାଲୁଥିବା ଆଇପିଏଲ ବେଟିଂ ଘଟଣାର ପର୍ଦ୍ଦାଫାସ କରିଛି। ସମ୍ପ୍ରତି ଚାଲୁଥିବା ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍) କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ-୨୦୨୪ରେ ଅନଲାଇନ୍ ମାଧ୍ୟମରେ ଟଙ୍କା ବେଟିଂ ଚଳାଇଥିବା ଏକ ବେଆଇନ ଜୁଆ ଦଳର ୪ ସଦସ୍ୟଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ସୁନ୍ଦରଗଡ଼ ଭିତ୍ରିଆପଡ଼ାର ମିଥୁନ ସାହୁ (୩୩), ସଞ୍ଜୟ ସାହୁ (୪୦), ସଞ୍ଜୟ କୁମାର ସାହୁ (୪୦) ଓ ଖମାରିପଡ଼ାର ସୁବୋଧ ଚୌଧୁରୀ (୪୬)। ଅଭିଯୁକ୍ତଙ୍କଠାରୁ ୫ ଲକ୍ଷ ୧୭ ହଜାର ୨୦୦ ଟଙ୍କା, ଗୋଟିଏ ଲାପଟପ୍, ୬ଟି ସ୍ମାର୍ଟ ଫୋନ, ଗୋଟିଏ କି'ପ୍ୟାଡ୍ ମୋବାଇଲ, ୩ଟି ବାଇକ୍ ଏବଂ ବିଭିନ୍ନ ବ୍ୟାଙ୍କର ବହୁ ଡେବିଟ ଓ କ୍ରେଡିଟ କାର୍ଡ ଜବତ କରାଯାଇଛି।

ସୂତ୍ରରୁ ପ୍ରାପ୍ତ ସୂଚନା ଆଧାରରେ ମଙ୍ଗଳବାର ସୁନ୍ଦରଗଡ଼ ସଦର ଏସଡିପିଓ ହିମାଂଶୁଭୂଷଣ ବେହେରାଙ୍କ ତତ୍ତ୍ୱାବଧାନ ତଥା ଟାଉନ ଥାନା ଆଇଆଇସି ଆଦିତ୍ୟ ମହାକୁରଙ୍କ ନେତୃତ୍ୱରେ ଏସ୍ଆଇ ଅନୀଲ କୁମାର ସାମଲ, ଅନ୍ୟ ପୁଲିସ କର୍ମଚାରୀ ଏବଂ ସାଇବର ସେଲ ଟିମ୍ ସ୍ଥାନୀୟ ମହାଦେବପଡ଼ା ଶିବ ମନ୍ଦିର ନିକଟରେ ଚାଲୁଥିବା ବେଆଇନ ଆଇପିଏଲ ଜୁଆ ଆଡ୍ଡାରେ ଚଢ଼ଉ କରିଥିଲେ। ଅଭିଯୁକ୍ତମାନେ ଆଇପିଏଲ୍‌ରେ ଅନଲାଇନ୍ ଜୁଆ ଖେଳୁଥିବା ଦେଖି ପୁଲିସ ଘଟଣାସ୍ଥଳରୁ ଟଙ୍କା ସହ ଅନ୍ୟ ସାମଗ୍ରୀ ଜବତ କରିଥିଲା। ଏହି ବେଆଇନ ବେଟିଂରେ ଆଉ କେଉଁମାନେ ସମ୍ପୃକ୍ତ ଅଛନ୍ତି, ପୁଲିସ ସେ ନେଇ ତନାଘନା ଚଳାଇଛି। ସନ୍ଧ୍ୟାରେ ଟାଉନ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଦର ଏସଡିପିଓ ବେହେରା ଏ ନେଇ ବିସ୍ତୃତ ସୂଚନା ଦେଇଛନ୍ତି। ପରେ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

## ଜେଏମ୍‌ଓ ପରୀକ୍ଷା

# ରାଉରକେଲାର ୩୦ ଛାତ୍ରଛାତ୍ରୀଙ୍କ ସଫଳତା

**ରାଉରକେଲା, ୧୪।୫(ସମିସ):** ଭୁବନେଶ୍ୱରସ୍ଥିତ ପଠାଣୀ ସାମନ୍ତ ଗଣିତ ପ୍ରୟୋଗ ପ୍ରତିଷ୍ଠାନ ଏବଂ ଓଡ଼ିଶା ମାଥମାଟିକାଲ ସୋସାଇଟି ପକ୍ଷରୁ ଆୟୋଜିତ ଜୁନିୟର ମ୍ୟାଥମାଟିକ୍ସ ଅଲମ୍ପିୟାର୍ଡ (ଜେଏମଓ) ୨୦୨୨-୨୩ ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ରାଜ୍ୟରେ ମୋଟ ୧୩୧ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଥିବା ବେଳେ ସେମାନଙ୍କ ମଧ୍ୟରେ ରାଉରକେଲାର ୩୦ ଜଣ ରହିଛନ୍ତି। ରାଉରକେଲା ଦିଲ୍ଲୀ ପବ୍ଲିକ ସ୍କୁଲର ୧୧ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ଜିଲେଶ ଦଲାଇ, ସ୍ୱସ୍ତିକ ସୂର୍ଯ୍ୟାଂଶ, ଅସ୍ମିତ କୁମାର ନାୟକ, ଘଡ଼ାଇ ଅଚ୍ୟୁତ ମହିମ୍, ବିଗନେଶ ପାତ୍ର, ଶ୍ରେୟନ୍ ଶତପଥୀ, ଶିବାଙ୍ଗୀ ନନ୍ଦ, ଶ୍ରୀୟାଂଶ ପଣ୍ଡା, ପ୍ରାଂଶୁ ଗୁପ୍ତା, ସାଇକ୍ରାନ୍ତି ମିଶ୍ର ଏବଂ ଅଭିଷେକ ବେହେରା। ସେହିପରି ଡ ଏନ୍‌କେ ଖୋସଲା ଡିଏଭି ପବ୍ଲିକ ସ୍କୁଲର ସୁହୃଦ ଶତପଥୀ କୃତିତ୍ୱ ହାସଲ କରିଛନ୍ତି। ସେଣ୍ଟ ପଲ୍ସ ସ୍କୁଲର ୮ ଛାତ୍ରଛାତ୍ରୀ କୃତକାର୍ଯ୍ୟ ହୋଇଛନ୍ତି। ସେମାନେ ହେଲେ ଅଦ୍ରିକ ଦତ୍ତ, ଅହର୍ଶି ବାସୁ, ଅକ୍ଷତ କୁମାର, ଅର୍ଣ୍ଣଭ ସିଂ, ସୌମିଲି ଦାସ, ଦେବାଂଶ ଦେବସ୍ମିତା, ଅନୁଭବ ଦାସ ଏବଂ ଶ୍ରେୟାଶ୍ରୀ ମୋଦକ୍। ଦୀପିକା ଇଂଲିଶ ମିଡିୟମ୍ ସ୍କୁଲର କୃତକାର୍ଯ୍ୟ ହୋଇଥିବା ୬ ଜଣ ହେଲେ ଆୟୁଷ ବାରିକ, ଅଭିପ୍ସା ବିଶ୍ୱାଳ, ଅସ୍ମିତ ରାଉତ, ଆକାଂକ୍ଷା ମିଶ୍ର, ଆୟୁଷ୍ମାନ ପଣ୍ଡା ଏବଂ ସାଇକୃପା ମିଶ୍ର। ଇସ୍ପାତ ଇଂଲିଶ ମିଡିୟମ୍ ସ୍କୁଲର ଅଂଶୁମାନ ସ୍ୱାଇଁ, ରୁଦ୍ରନାରାୟଣ ରାଉତ କୃତିତ୍ୱ ହାସଲ କରିଛନ୍ତି। ସେଣ୍ଟ ଯୋଶେଫ ସ୍କୁଲର ରିତୋମା ସରକାର ଓ ଚିନ୍ମୟ ବିଦ୍ୟାଳୟର ମୌରେଶ ଦାସ କୃତିତ୍ୱ ହାସଲ କରିଛନ୍ତି। ଏଥିପାଇଁ ଚିନ୍ମୟ ବିଦ୍ୟାଳୟର ଶିକ୍ଷକ ସୁରେଶ କୁମାର ଶତପଥୀ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। କୃତକାର୍ଯ୍ୟ ହୋଇଥିବା ଏହି ସମସ୍ତ ଛାତ୍ରଛାତ୍ରୀମାନେ ଆସନ୍ତା ୨୯ ତାରିଖ ଭୁବନେଶ୍ୱରସ୍ଥିତ ଇନଷ୍ଟିଚ୍ୟୁଟ ଅଫ ମାଥମାଟିକ୍ସ ଆଣ୍ଡ ଆପ୍ଲିକେସନ ପକ୍ଷରୁ ହେବାକୁ ଥିବା ଗ୍ରୀଷ୍ମ ଶିବିରରେ ଯୋଗଦେବେ। ସୂଚନାଯୋଗ୍ୟ, ରାଉରକେଲାରେ ଦୀର୍ଘ ୧୮ ବର୍ଷ ହେଲା ସୁରେଶ କୁମାର ଶତପଥୀଙ୍କ ଦ୍ୱାରା ଆୟୋଜିତ ମାଥମାଟିକ୍ସ କ୍ୟାମ୍ପରେ ଛାତ୍ରଛାତ୍ରୀମାନେ ପ୍ରଶିକ୍ଷଣ ନେଇ ଆସୁଛନ୍ତି।

## ଦୁଇ ବାଇକ୍ ଧକ୍କା; ଛିଟିକି ପଡ଼ିଲେ ୨ ଆରୋହୀ

# ମାଡ଼ିଗଲା ଟ୍ରକ: ଜଣେ ମୃତ, ଜଣେ ଗୁରୁତର




**ସୁନ୍ଦରଗଡ଼, ୧୪।୫(ସମିସ):** ହେମଗିରି ଥାନା ଅନ୍ତର୍ଗତ ଟପରିଆ ବାଙ୍କବାହାଲ ମୁଖ୍ୟ ରାସ୍ତାର ରତନସରାଠାରେ ଦୁଇ ବାଇକ୍ ମୁହାଁମୁହିଁ ଧକ୍କା ଯୋଗୁଁ ରାସ୍ତା ଉପରେ ଛିଟିକି ପଡ଼ିଥିବା ଦୁଇ ଆରୋହୀଙ୍କ ଉପରେ ଏକ ଅଜଣା ଭାରୀଯାନ ମାଡ଼ିଯାଇଛି। ଏଥିରେ ଗୋପାଳପୁର ଗାଁର ଆଦିତ୍ୟ ଶଙ୍କରିଆ (୧୮)ଙ୍କ ମୃତ୍ୟୁ ଘଟିଥିବା ବେଳେ ଧନଞ୍ଜୟ ମାଝୀ ଗୁରୁତର ଆହତ ହୋଇଛନ୍ତି। ଧନଞ୍ଜୟଙ୍କୁ ଆମ୍ବୁଲାନ୍ସରେ ହେମଗିରି ଡାକ୍ତରଖାନା ନିଆଯାଇଛି। ଦୁର୍ଘଟଣା ପରେ ଉତ୍ତ୍ୟକ୍ତ ଲୋକେ ୩୦ ଲକ୍ଷ ଟଙ୍କା କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ କରିଥିଲେ। ବହୁ ବୁଝାଶୁଝା ପରେ ମଙ୍ଗଳବାର ଅପରାହ୍ନରେ ରାସ୍ତା ଅବରୋଧ ହଟିଛି। ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଥାନାରେ ମାମଲା ରୁଜୁ ହୋଇଛି। ସୋମବାର ସନ୍ଧ୍ୟାରେ ଉଭୟ ବାଇକ ପରସ୍ପର ବିପରୀତ ଦିଗରୁ ଆସୁଥିବା ବେଳେ ରତନସରାଠାରେ ମୁହାଁମୁହିଁ ଧକ୍କା ହୋଇଥିଲା।

**ଉତ୍ତ୍ୟକ୍ତ ଲୋକଙ୍କ ରାସ୍ତା ଅବରୋଧ**

# ନାବାଳିକା ଦେହରେ ବିଦ୍ୟୁତ୍ ତାର ଲଗାଇ ହତ୍ୟା ଉଦ୍ୟମ

**ସୁନ୍ଦରଗଡ଼, ୧୪।୫(ସମିସ):** ହେମଗିରି ଥାନା ଅନ୍ତର୍ଗତ କିରିପସିରା ଗ୍ରାମର ବିଶ୍ୱଜିତ୍ ପ୍ରଧାନ ଜଣେ ନାବାଳିକା ଦେହରେ ଜୀବନ୍ତ ବିଦ୍ୟୁତ୍ ତାର ଲଗାଇ ହତ୍ୟା ଉଦ୍ୟମ କରିବା ଘଟଣା ଆଲୋଡ଼ନ ସୃଷ୍ଟି କରିଛି। ବିଶ୍ୱଜିତ ସମ୍ପୃକ୍ତ ୧୪ ବର୍ଷୀୟା ନାବାଳିକାଙ୍କୁ ଜଙ୍ଗଲକୁ ଯିବାକୁ କହିଥିଲେ। ତେବେ ନାବାଳିକା ମନା କରିବାରୁ ସେ ତାଙ୍କୁ ହତ୍ୟା ଉଦ୍ୟମ କରିଥିଲେ। ସୋମବାର ରାତିରେ ନାବାଳିକା ଶୋଇଥିବା ବେଳେ ବିଶ୍ୱଜିତ ତାଙ୍କ ଘରେ ପଶି ଦେହରେ ଜୀବନ୍ତ ବିଦ୍ୟୁତ ତାର ଲଗାଇ ଦେଇଥିଲେ। ବିଦ୍ୟୁତ ଝଟକାରେ ନାବାଳିକା ଉଠି ପଡ଼ିବାରୁ ବିଶ୍ୱଜିତ ସେଠାରୁ ଫେରାର ହୋଇଯାଇଥିଲେ। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ମାମଲା ରୁଜୁ କରି ବିଶ୍ୱଜିତଙ୍କୁ ଗିରଫ କରିଛି। ମଙ୍ଗଳବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ଜାମିନ ନାମଞ୍ଜୁର ହେବାରୁ ଜେଲ ପଠାଇ ଦିଆଯାଇଛି।

**ଅଭିଯୁକ୍ତ ଗିରଫ**

# ସୁନ୍ଦରଗଡ଼ ପବ୍ଲିକ ସ୍କୁଲ ସ୍କାଉଟ ଗାଇଡ୍‌ଙ୍କୁ ରାଜ୍ୟ ପୁରସ୍କାର



**ସୁନ୍ଦରଗଡ଼, ୧୪।୫(ସମିସ):** ଭାରତ ସ୍କାଉଟ ଗାଇଡ ଓଡ଼ିଶା ଦ୍ୱାରା ମଙ୍ଗଳବାର ୨୦୨୩-୨୪ ସ୍କାଉଟ ଗାଇଡ ରାଜ୍ୟ ପୁରସ୍କାର ସମାରୋହ ଆୟୋଜିତ ହୋଇଛି। ରାଜଭବନଠାରେ ଆୟୋଜିତ ଏହି ସମାରୋହରେ ରାଜ୍ୟପାଳ ରଘୁବର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ସ୍କାଉଟ ଗାଇଡମାନଙ୍କୁ ସମ୍ମାନିତ କରିଛନ୍ତି। ଏଥିରେ ସୁନ୍ଦରଗଡ଼ ପବ୍ଲିକ ସ୍କୁଲର ୧୦ ଜଣ ସ୍କାଉଟ ଏବଂ ୯ ଜଣ ଗାଇଡ ରାଜ୍ୟ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। ବିଦ୍ୟାଳୟର ସ୍କାଉଟ ମାଷ୍ଟର ଅଶୋକ କୁମାର ପରିଡ଼ାଙ୍କ ସହ ସ୍କାଉଟ ପିଲାମାନେ ରାଜ୍ୟପାଳଙ୍କଠାରୁ ପୁରସ୍କାର ଗ୍ରହଣ କରିଛନ୍ତି। ଅନ୍ୟ ସ୍କାଉଟ ଗାଇଡ ପିଲାମାନଙ୍କ ମଧ୍ୟରେ ଆୟୁଷ ଟିବ୍ରୁରବାଲ, ବୈଭବ ଅଗ୍ରୱାଲ, ଓମପ୍ରକାଶ ଲାକ୍ରା, ଅନମୋଲ ବାରା, ପ୍ରିନ୍ସ ରସ୍କା, ପ୍ରିନ୍ସ ଯାଦବ, ଆୟୁଷ ଠାଖର, ପୁରବେଶ୍ ସାହୁ, ମନିଷ ପଟେଲ, ଆରିୟନ ପଟେଲ, ଗାଇଡ ସତାକ୍ଷି ନନ୍ଦ, ଦିଆ ରାଠର, ସୋଲନି ପଟେଲ, ଆଦ୍ୟାଶା ଆଚାର୍ଯ୍ୟ, ଆଦ୍ୟାଶା ପଟ୍ଟନାୟକ, ଇସିକା ସାହୁ, ସଂକ୍ରିତି ନାୟକ, ଟୁଇଙ୍କଲ ତନ୍ତୀ, ସ୍ୱୀକୃତି ପଟେଲ ପ୍ରମୁଖ ରହିଛନ୍ତି। ଏହି ସମ୍ମାନିତ ସ୍କାଉଟ ଗାଇଡମାନଙ୍କୁ ବିଦ୍ୟାଳୟ ଅଧ୍ୟକ୍ଷା ହରପ୍ରିୟା ପଟେଲ, ସମ୍ପାଦକ ରାଜକିଶୋର ଷଡ଼ଙ୍ଗୀ, ଟ୍ରଷ୍ଟି ସଦସ୍ୟ ଏବଂ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀମାନେ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

# ପ୍ରଚାରରେ କମ୍ପୁଛି ନିର୍ବାଚନ ମଇଦାନ

**ସୁନ୍ଦରଗଡ଼, ୧୪।୫(ସମିସ):** ଚଳିତ ସାଧାରଣ ନିର୍ବାଚନରେ ସୁନ୍ଦରଗଡ଼ ସଂସଦୀୟ କ୍ଷେତ୍ରରେ ନିର୍ବାଚନ ପ୍ରଚାର ସମୟସୀମା ଆଉ ମାତ୍ର ୪ ଦିନ ବାକି ରହିଛି। ଏଣୁ ସୁନ୍ଦରଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀରେ ସମସ୍ତ ପ୍ରାର୍ଥୀଙ୍କ ପ୍ରଚାରରେ ନିର୍ବାଚନ ମଇଦାନ କମ୍ପୁଛି। ବିଭିନ୍ନ ଗ୍ରାମରେ ଜୋରସୋର ନିର୍ବାଚନୀ ସଭା ଚାଲିଛି। ବିଭିନ୍ନ ଗ୍ରାମ, ପଡ଼ାରେ ଭୋଜିଭାତର ଆସର ଜମୁଛି।

## ମଙ୍ଗସପୁର ପଞ୍ଚାୟତରେ କଂଗ୍ରେସ ପ୍ରାର୍ଥିନୀଙ୍କ ପ୍ରଚାର



କଂଗ୍ରେସ ବିଧାନସଭା ପ୍ରାର୍ଥିନୀ ସୁଧାରାଣୀ ରାଉଡିଆ ଟାଙ୍ଗରପାଲି ବ୍ଲକ ମଙ୍ଗସପୁର ପଞ୍ଚାୟତରେ ନିର୍ବାଚନ ପ୍ରଚାର କରିଛନ୍ତି। ରାଉଡିଆ ଦଳୀୟ ନେତାକର୍ମୀଙ୍କ ଗହଣରେ ଦଳଦଳି ଗ୍ରାମରେ ନିର୍ବାଚନୀ ସଭା କରି କଂଗ୍ରେସ ନିର୍ବାଚନୀ ଇସ୍ତାହାର ସମ୍ପର୍କରେ ଲୋକଙ୍କୁ ଅବଗତ କରିଥିଲେ। ସେହିପରି ନିଜ ସପକ୍ଷରେ ଭୋଟଭିକ୍ଷା କରିବା ସହ କେନ୍ଦ୍ରରେ କ୍ଷମତାକୁ ଫେରିବା ପାଇଁ ସୁନ୍ଦରଗଡ଼ ଲୋକସଭା ପ୍ରାର୍ଥୀ ଜନାର୍ଦ୍ଦନ ଦେହୁରୀଙ୍କୁ ନିର୍ବାଚିତ କରି ସଂସଦ ପଠାଇବାକୁ ଅନୁରୋଧ କରିଥିଲେ।

## ସିପିଆଇର ନିର୍ବାଚନ ପ୍ରଚାର

ଟାଙ୍ଗରପାଲି ବ୍ଲକ କାଲୋବାହାଲ ଗ୍ରାମରେ ସିପିଆଇର ନିର୍ବାଚନୀ ସଭା ଆୟୋଜିତ ହୋଇଛି। ଏଥିରେ ସିପିଆଇ ନେତା ସୁନୀଲ କୁମାର ନାଏକ ଯୋଗଦେଇ ସିପିଆଇକୁ ଗରିବ, ଖଟିଆଙ୍କ ଦଳ ବୋଲି ଅଭିହିତ କରିଥିଲେ। ଚଳିତ ନିର୍ବାଚନାରେ ଦଳର ସୁନ୍ଦରଗଡ଼ ବିଧାନସଭା ପ୍ରାର୍ଥୀ ରାଜେନ୍ଦ୍ର ନାଏକଙ୍କୁ ବିପୁଳ ଭୋଟରେ ବିଜୟୀ କରିବାକୁ ଅନୁରୋଧ କରିଥିଲେ। ତେବେ ସିପିଆଇର ଲୋକସଭା ପ୍ରାର୍ଥୀ ନ ଥିବାରୁ ଏହି ନିର୍ବାଚନରେ ନୋଟାରେ ଭୋଟଦେବାକୁ ସେ କହିବା ଏଠାରେ ଚର୍ଚ୍ଚାର ବିଷୟ ହୋଇଛି।

## ବିଭିନ୍ନ ପଞ୍ଚାୟତରେ ଯୋଗେଶଙ୍କ ନିର୍ବାଚନ ପ୍ରଚାର



ବିଜେଡିର ସୁନ୍ଦରଗଡ଼ ବିଧାନସଭା ପ୍ରାର୍ଥୀ ଯୋଗେଶ କୁମାର ସିଂହ ସଦର ବ୍ଲକ ଅନ୍ତର୍ଗତ କୁଣ୍ଡୁକେଲା, ଦେଉଳି ଓ ଭସ୍ମା ପଞ୍ଚାୟତର ବିଭିନ୍ନ ଗ୍ରାମରେ ମଙ୍ଗଳବାର ତୋଫାନୀ ନିର୍ବାଚନ ପ୍ରଚାର କରିଛନ୍ତି। ଏହି ଅବସରରେ ସେ କଇଁତରା, ଧାତୁକଢିପା, ବଡ଼ବାହାଲ, ଟିଠେଇଟାଙ୍ଗର, ଦେଉଳି, ଖଣ୍ଡାପଡ଼ା, ମୁଣ୍ଡାପଡ଼ା, ପାଣ୍ଡେରମାଲ, ଭସ୍ମା ଆଦି ଗ୍ରାମରେ ପ୍ରଚାର କରି ଆସନ୍ତା ୨୦ ତାରିଖ ବିଜେଡିର ଲୋକସଭା ପ୍ରାର୍ଥୀ ପଦ୍ମଶ୍ରୀ ଦିଲୀପ ତିର୍କୀ ଏବଂ ସଦର ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ଭାବେ ତାଙ୍କୁ ଶଙ୍ଖ ଚିହ୍ନରେ ବିପୁଳ ସଂଖ୍ୟାରେ ଭୋଟଦେଇ ବିଜୟୀ କରାଇବା ପାଇଁ ଅନୁରୋଧ କରିଥିଲେ। ସଦର (କ) ଜିଲ୍ଲା ପରିଷଦ ସଭ୍ୟ ଅଶ୍ୱିନୀ କୁମାର ନାଏକ, ସଞ୍ଜୟ ପଟେଲ, ମୁକେଶ ଦେହୁରିଆ, ବୀରେନ ବାବୁ, ଦୀନେଶ ଠାକୁର, ପରବେଜ ଖାନ୍, ରେହାନ ଖାନ୍, ମେହେତାବ ଶେଖ୍, ଏମଡି ଫାଇଜଲ, ପ୍ରଥମ ସେନ୍ଦରିଆ ପ୍ରମୁଖ ପ୍ରଚାରରେ ସାମିଲ ହୋଇଥିଲେ।

# ସାଇକଲ ଚଳାଇ ଭୋଟ୍‌ଭିକ୍ଷା କଲେ ସାରଦା



**ରାଉରକେଲା, ୧୪।୫(ସମିସ):** ନିର୍ବାଚନକୁ ନେଇ ସବୁ ରାଜନୈତିକ ଦଳ ପ୍ରଚାର ପ୍ରସାର ଜୋରଦାର କରିଥିବା ବେଳେ ରାଉରକେଲା ବିଧାନସଭା ବିଜେଡି ପ୍ରାର୍ଥୀ ସାରଦା ପ୍ରସାଦ ନାୟକ ନିଆରା ଢଙ୍ଗରେ ଭୋଟଭିକ୍ଷା ଜାରି ରଖିଛନ୍ତି। ନିକଟରେ ସେ 'ମୋ ବସ୍'ରେ ଯାତ୍ରା କରି ଯାତ୍ରୀମାନଙ୍କୁ ଭୋଟଭିକ୍ଷା କରିଥିଲେ। ମଙ୍ଗଳବାର ସାଇକଲ ରାଲି କରି ବିଜେଡି ସପକ୍ଷରେ ଭୋଟଭିକ୍ଷା କରଛନ୍ତି ସାରଦା। କୋଏଲନଗର ଡି ବ୍ଲକସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରୁ ସାଇକଲ ରାଲି ଆରମ୍ଭ ହୋଇ ଶକ୍ତିନଗର ଛକ, ବାଟମଙ୍ଗଳା ମନ୍ଦିର, ନୀଳଶୈଳ ମହାବିଦ୍ୟାଳୟ ଛକ, ସାରନା ଛକ, ସାଇନିଂ କ୍ଲବ ଛକ, ଝିରପାଣି ବଡ଼ଦାଣ୍ଡ ସହ ବିଭିନ୍ନ ବସ୍ତିରେ ଭୋଟଭିକ୍ଷା କରିଥିଲେ। ତାଙ୍କୁ ବିଭିନ୍ନ ସ୍ଥାନରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଜଗଦାସ୍ଥିତ ମା' ବାଟମଙ୍ଗଳା ଓ ନୀଳଶୈଳ ମହାବିଦ୍ୟାଳୟସ୍ଥିତ ଶିବମନ୍ଦିରରେ ନାୟକ ପୂଜାର୍ଚ୍ଚନା କରିଥିଲେ। ଜୋନ ସଭାପତି ତଥା ଆଇନଜୀବୀ ନାରାୟଣ ପ୍ରଧାନ, ଲୁଟୁ ପୁହାଣ, ଦେବୀ ଜେନା, ଐର ମହାନ୍ତି, ପ୍ରିୟବ୍ରତ ଭଞ୍ଜ, ଚକ୍ରଧର ମଲ୍ଲିକ, ଜୟନ୍ତ ପତି, ଧୀରେନ ଗଡ଼ନାୟକ, ଲାଲଜୀ ସିଂ, ସୁରା ଓରାମ, ମହେନ୍ଦ୍ର କୁମ୍ଭାର, ବିଜୟ ପରିଡ଼ା, ପ୍ରଭାତ ମହାନ୍ତି, ଏଲଡି ନାୟକ, ରୀତା ସାମଲ, ଜୟଶ୍ରୀ ପାଣିଗ୍ରାହୀ, ଦିଲୀପ ମହାନ୍ତି, ଶିଶିର ମୁଦାଲି, ସୁଦାମ ପ୍ରଧାନ, ଉତ୍କଳ ବେହେରା, ବିଶ୍ୱଜିତ ମହାନ୍ତି, ଶୁଭ୍ରାଂଶୁ ପଣ୍ଡା, ସଦାଶିବ ସାହୁ ସମେତ ଅନ୍ୟ ଯୁବଛାତ୍ର ରାଲିରେ ଯୋଗଦେଇ ବିଜେଡି ସପକ୍ଷରେ ଭୋଟ ଦେବା ପାଇଁ ଜନସାଧାରଣଙ୍କୁ ନିବେଦନ କରିଥିଲେ।

## ଟ୍ରେଲରରୁ ବ୍ୟାଟେରୀ ଓ ଡିଜେଲ ଚୋରି; ୩ ଗିରଫ

**ସୁନ୍ଦରଗଡ଼, ୧୪।୫(ସମିସ):** ହେମଗିରି ଥାନା ଅନ୍ତର୍ଗତ ବରପାଲି ପେଟ୍ରୋଲ ପମ୍ପରେ ଠିଆ ହୋଇଥିବା ଏକ ଟ୍ରେଲରରୁ ଡିଜେଲ ଏବଂ ବ୍ୟାଟେରୀ ଚୋରି ମାମଲାରେ ପୁଲିସ ୩ ଅଭିଯୁକ୍ତଙ୍କୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ବରପାଲି ଗ୍ରାମର ଶଙ୍କର ରୋହିଦାସ ଓ ପ୍ରିନ୍ସ ସିଂ ଚୋରି ଅଭିଯୋଗରେ ଗିରଫ ହୋଇଛନ୍ତି। ସେହିପରି ଲେଫ୍ରିପଡ଼ା ଥାନା ଅଞ୍ଚଳର ଦେବେନ୍ଦ୍ର ଚୌହାନଙ୍କୁ ପୁଲିସ ଚୋରି ବ୍ୟାଟେରୀ କିଣିବା ଅଭିଯୋଗରେ ଗିରଫ କରିଛି। ସଦର ଥାନା ଅନ୍ତର୍ଗତ କୁଅଁରବଗା ଗ୍ରାମର ଅମିତ ପଟେଲଙ୍କ ଭାଇଙ୍କ ଟ୍ରେଲର ବ୍ୟାଟେରୀ ଓ ଡିଜେଲ ଚୋରି ହୋଇଥିବା ନେଇ ଅମିତ ଥାନାରେ ଅଭିଯୋଗ କରିଥିଲେ।

# ଏନ୍‌ଟିପିସି ଡୁଲଙ୍ଗା ପକ୍ଷରୁ ବୃତ୍ତିଗତ ସ୍ୱାସ୍ଥ୍ୟ ଓ ସୁରକ୍ଷା ସଚେତନତା

**ସୁନ୍ଦରଗଡ଼, ୧୪।୫(ସମିସ)**

ଏନ୍‌ଟିପିସି ଡୁଲଙ୍ଗା ପକ୍ଷରୁ ନିମୋନୋକୋନିଓସିସ୍ ଉପରେ ଏକ ବୃତ୍ତିଗତ ସ୍ୱାସ୍ଥ୍ୟ ଏବଂ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଛି। ଡିଜିଏମ୍‌ଏସ୍ ଭୁବନେଶ୍ୱର ଅଞ୍ଚଳ-୨ ଅଧୀନରେ ଏନଟିପିସିର ଡୁଲଙ୍ଗା କୋଇଲା ଖଣି ପ୍ରକଳ୍ପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମୁଦାୟ ୩୦୦ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୫୦ ଜଣଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଖଣି ସୁରକ୍ଷା ନିର୍ଦ୍ଦେଶକ ପ୍ରଫୁଲ୍ଲ ରଞ୍ଜନ ଠାକୁର ଏବଂ ଖଣି ସୁରକ୍ଷା ଉପନିର୍ଦ୍ଦେଶକ ଉଲିମେଲା ଶିବଶଙ୍କର, ପ୍ରକଳ୍ପ ମୁଖ୍ୟ ବ୍ରିଜ୍‌ରାଜ ପ୍ରସୁନ୍, ମାନବସମ୍ବଳ ମୁଖ୍ୟ ନବୀନ ଅମିତାଭ ବକସାଲା, ଖଣି ଏଜେଣ୍ଟ ପ୍ରଭାକର ଚୌଧୁରୀ, ଖଣି ମ୍ୟାନେଜର ସଦାନନ୍ଦାଚାରୀ ଉତନୁରୀ ଓ ଏନଟିପିସିର ପ୍ରମୁଖ ଅଧିକାରୀମାନେ ଉପସ୍ଥିତ ଥିଲେ। ଏନଟିପିସିର ମୁଖ୍ୟ ଚିକିତ୍ସାଧିକାରୀ ରାଜେଶ ମାର୍ସେଲ ବାଜଙ୍କ ନେତୃତ୍ୱରେ ଏନଟିପିସିର ଡାକ୍ତରୀ ଦଳ 'ନିମୋନୋକୋନିଓସିସ୍-ଏକ ଧୂଳି ସମ୍ବନ୍ଧୀୟ ଫୁସଫୁସ ରୋଗ' ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ। ନିମୋନୋକୋନିସିସ୍‌ର କାରଣ, ଲକ୍ଷଣ, ବିଭିନ୍ନ ପର୍ଯ୍ୟାୟ, ଚିକିତ୍ସା ଏବଂ ପ୍ରତିରୋଧ ପଦକ୍ଷେପ ଆଦି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଉପସ୍ଥିତ ଲୋକଙ୍କୁ ପ୍ରଶିକ୍ଷିତ କରାଯିବା ସହ ସଚେତନତା ସୃଷ୍ଟି କରାଯାଇଥିଲା। ମାଇନ୍ ସେଫ୍ଟିର ନିର୍ଦ୍ଦେଶକ ତଥା ଡେପୁଟି ଡାଇରେକ୍ଟର ନିମୋନୋକୋନିଓସିସ୍ ଭଳି ବୃତ୍ତିଗତ ରୋଗକୁ ରୋକିବା ପାଇଁ ଆଇନଗତ ଆବଶ୍ୟକତା ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। କର୍ମକ୍ଷେତ୍ରରେ ଧୂଳି ନିୟନ୍ତ୍ରଣ ପଦକ୍ଷେପ, ଖଣିରେ ନିୟମିତ ବାୟୁବାହୀ ଧୂଳି ସର୍ବେକ୍ଷଣ, ସମସ୍ତ ଶ୍ରମିକ ଏବଂ ସୁପରଭାଇଜରଙ୍କ ଧୂଳି ମାସ୍କର ବାରମ୍ବାର ବ୍ୟବହାର, ଖଣି ମାଲିକଙ୍କ ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଆଦି ଉପରେ ଜୋର ଦେଇଥିଲେ।









